No.1 EXCELLENCE AWARDED (MAXIM) IN INDIA
MBBS Study in Abroad
RUSSIA | KYRGYZSTAN | KAZAKHSTAN | UKRAINE
4210 DOCTORS SUCCESSFULLY RETURNED
Dr. Sudhakar Tiwari Available for Spot Admission and Counselling
AT BHUBANESHWAR- 8th July Hotel Arya Palace
AT BALASORE- 9th July Lucky International
AT SAMBALPUR- 10th July Hotel Sheela Tower
MAXIM EDU. PVT. LTD.
Since 1990
OFFICE : - Plot No. : 85, Lane No. 6, Bapuji Nagar, BHUBANESHWAR Mob. : 7381600301, 9300432509,
Toll Free - 1800-270-2007 | www.maximedu.com

ତୀର୍ଥ ଭ୍ରମଣ ସ୍ପେଶାଲ
REGD. NO. 465, ORGR,- BANAMALI PANDA, KHAIRABAD, JAJPUR, M- 9437310046, 9668114682
ପ୍ୟାକେଜ୍ ଟ୍ରେନ୍ ଟୁର୍ : ୧ମ ଯାତ୍ରା (ଉତ୍ତର ଭାରତ): ପିତୃପକ୍ଷ ମହାଳୟା ଉପଲକ୍ଷେ ପୁରୀ-ଭୁବନେଶ୍ୱର ଷ୍ଟେସନ୍‌ରୁ ତା.୦୯।୦୯।୧୯ରୁ ବାହାରି ଏଲ୍ଲାବାଦ (ତ୍ରିବେଣୀ ସଙ୍ଗମ), ଆଗ୍ରା, ଗୋପ, ମଥୁରା, ବୃନ୍ଦାବନ ଦିଲ୍ଲୀ, ଅକ୍ଷରଧାମ, ଅମୃତସର, ୱାଘାବର୍ଡର, ଜାମ୍ମୁ, କଟରା, ବୈଷ୍ଣବଦେବୀ, ହରିଦ୍ୱାର, ଋଷିକେଶ, ଡେରାଡୁନ୍, ମସୁରୀ, ବଦ୍ରିନାରାୟଣ ଧାମ, ଅଯୋଧ୍ୟା କାଶୀ, ବାରାଣସୀ, ଗୟା, ବୃଦ୍ଧଗୟା ହୋଇ ୨୪।୦୯ରେ ପୁରୀ ପହଞ୍ଚିବ। ୨ୟ ଯାତ୍ରା: ୨୫।୦୯ରେ ଭୁବନେଶ୍ୱରରୁ ବାହାରି ଏଲ୍ଲାବାଦ (ତ୍ରିବେଣୀ ସଙ୍ଗମ), ଗୟା, ପିଣ୍ଡଦାନ, ବୃଦ୍ଧଗୟା, କାଶୀ, ବାରାଣସୀ ହୋଇ ତା.୩୦।୦୯ରେ ପୁରୀ ପହଞ୍ଚିବ। ୩ୟ ଯାତ୍ରା: ଦକ୍ଷିଣ ଭାରତ : ୦୪।୧୦ରେ ଭୁବନେଶ୍ୱରରୁ ବାହାରି ଚେନ୍ନାଇ, ମହାବଳୀପୁରମ୍, ଶିବକାଞ୍ଚି, ବିଷ୍ଣୁକାଞ୍ଚି, ମଦୁରାଇ, ମିନାକ୍ଷୀଦେବୀ, ସେତୁବନ୍ଧ, ରାମେଶ୍ୱରଧାମ, ତ୍ରିଚନାପଲ୍ଲୀ, ନଗରକୋଏଲ୍, କନ୍ୟାକୁମାରୀ, ତ୍ରିଭେନ୍ଦ୍ରମ୍, ବେଙ୍ଗାଲୁରୁ, ମହୀଶୂର ପ୍ୟାଲେସ୍, ବୃନ୍ଦାବନ ଗାର୍ଡେନ, ତିରୁପତି ବାଲାଜି ହୋଇ ତା. ୧୬।୧୦ରେ ପୁରୀ ପହଞ୍ଚିବ। ୪ର୍ଥ ଯାତ୍ରା: ପଶ୍ଚିମ / ମଧ୍ୟ ଭାରତ: ୨ଧାମ ୬ଗୋଟି ଜ୍ୟୋତିର୍ଲିଙ୍ଗ ଭ୍ରମଣ ଉପଲକ୍ଷେ ପୁରୀ ଷ୍ଟେସନ୍‌ରୁ ତା.୩୧।୧୦ରୁ ବାହାରି ଉଜ୍ଜୟିନୀ, ଅହମ୍ମଦାବାଦ, ଭିରାଭଲ, ସୋମନାଥ, ପ୍ରଭାସତୀର୍ଥ, ଦ୍ୱାରକାଧାମ, ଭେଟଦ୍ୱାରକା, ନାଗେଶ୍ୱର, ମାଉଣ୍ଟଆବୁ, ଆଜ୍ମିର୍, ପୁଷ୍କର, ପୁନେ, ଶନିସିଗ୍ନାପୁର, ଔରଙ୍ଗାବାଦ,ଘୃଷ୍ଣେଶ୍ୱର, ନାସିକ, ତ୍ର୍ୟମ୍ବକେଶ୍ୱର, ଶିରିଡିସାଇ ହୋଇ ତା.୧୦।୧୧ରେ ପୁରୀ ପହଞ୍ଚିବ। ସକାଳେ ଚା-ବିସ୍କୁଟ, ଦୁଇଓଳି ଖାଦ୍ୟ, ଲଜ୍ଜ ରହଣି ଓ ପାର୍ଶ୍ୱ ଗାଡ଼ିଖର୍ଚ୍ଚ ସହ ଜଣପ୍ରତି ୧ମ ଯାତ୍ରା ଟ.୧୫,୫୦୫ଙ୍କା (ହରିଦ୍ୱାରଠାରୁ ବଦ୍ରିନାରାୟଣ ଧାମ ଯାତାୟାତ ଖର୍ଚ୍ଚ, ରହିବା ଓ ଖାଦ୍ୟ ଯାତ୍ରୀ ବହନ କରିବେ), ୨ୟ ଯାତ୍ରା ଟ.୬,୫୦୦ଙ୍କା, ୩ୟ ଯାତ୍ରା ଟ.୧୫,୦୫୦ଙ୍କା । ୪ର୍ଥ ଯାତ୍ରା ଟ.୧୫,୦୭୫ଙ୍କା। ପ୍ରତ୍ୟେକ ଯାତ୍ରା ପାଇଁ ଅଗ୍ରୀମ ୧୫୦୦ଟଙ୍କା ଦେଇ ନିମ୍ନଠିକଣାରେ କିମ୍ବା ପରିଚାଳକଙ୍କ ସହ ଯୋଗାଯୋଗ କରି ସିଟ୍ ବୁକିଂ କରନ୍ତୁ। ବିଜ୍ଞାପନ ପ୍ରକାଶ ପାଇବାର ୮ଦିନ ପର୍ଯ୍ୟନ୍ତ ଅଗ୍ରୀମ ଗ୍ରହଣ କରାଯିବ। ନଚେତ୍ ଟିକେଟ୍ ମିଳିବାର ସମ୍ଭାବନା ଯଥେଷ୍ଟ କମ୍।
ବଡ଼େ ଡାଇଙ୍ଗ୍, ବକ୍ସିବାଟୀ, କଟକ- ୯୪୩୮୪୦୮୬୦୫, ୯୪୩୭୨୨୮୪୩୧ / ଭୁବନେଶ୍ୱର-୯୮୬୧୧୪୩୬୭୦ / ସମ୍ବଲପୁର-୯୪୩୭୫୮୮୪୬୪ / ପୁରୀ-୯୪୩୭୧୯୯୫୦୯ / ଅନୁଗୁଳ-୯୮୬୧୪୫୩୬୪୧ / ବାରିପଦା-୯୪୩୭୪୭୮୪୨୪ / ଟିଟିଲାଗଡ଼-୯୪୩୭୩୨୯୨୪୭ / ଆଠମଲ୍ଲିକ-୯୯୩୭୭୩୬୬୨୬ / ଢେଙ୍କାନାଳ-୯୪୩୭୫୪୯୧୦୭ / ବାଲେଶ୍ୱର-୯୯୩୭୦୭୪୦୨୩ / କେନ୍ଦୁଝର-୯୯୩୮୬୮୦୨୩୦ / ବ୍ରହ୍ମପୁର-୯୯୩୮୧୪୬୩୮୧ / ଜୟପୁର-୯୬୬୮୭୨୨୩୧୨ / ବଲାଙ୍ଗୀର-୯୪୩୭୧୯୫୦୫୮ / ଭୁବନ-୭୬୮୨୯୫୧୮୫୯ / ଭଦ୍ରକ-୯୬୬୮୧୧୪୬୮୨ / କୋରାପୁଟ-୯୪୩୭୯୭୨୫୮୧ / ଯାଜପୁରରୋଡ-୯୪୩୭୩୧୦୦୪୬ / ଯାଜପୁର ଟାଉନ-୯୭୭୬୨୫୪୭୫୬ / ସାଲେପୁର-୯୮୬୧୦୫୮୬୮୪ / ରାଉରକେଲା-୯୧୧୪୨୩୪୬୬୭ / କଳାହାଣ୍ଡି-୭୮୯୪୭୩୧୭୭୪ / ସୁନ୍ଦରଗଡ଼-୮୭୬୩୧୮୩୪୬୨ / ବୌଦ୍ଧ-୯୭୭୮୧୭୩୦୫ / କେନ୍ଦ୍ରାପଡ଼ା-୯୦୪୦୪୧୬୬୦୪ / ରାୟଗଡ଼ା-୯୪୩୭୮୩୬୦୮୪ / ବରଗଡ଼-୮୬୫୮୯୨୬୮୧୮ / ଜଗତ୍‌ସିଂହପୁର-୯୯୩୭୯୪୦୭୩୪।

ASBM®
A Strong Foundation for a Winning Career
ADMISSION - 2019
B.COM (Hons.)
Accounting | Management
Students can apply on the SAMS web portal (http://dheodisha.gov.in/SAMS/degree.aspx) by giving 1st option for ASBM, Bhubaneswar Block, District Khurda.
13th Batch | BBA (Hons.)
Apply Online : www.asbm.ac.in
+91-674-2744884/ 885, 2374838 | TOLL FREE - 18003 4565855

## ଛତ୍ରପୁରର ବିଭିନ୍ନ ସମସ୍ୟା ସମାଧାନ ଚିନ୍ତା

# ଏକାଠି ଆଲୋଚନା କଲେ ସମସ୍ତ ସଂଘ

### ଆଜି ଜିଲାପାଳଙ୍କୁ ଭେଟିବ କମିଟି

**ଛତ୍ରପୁର,୫।୭(ଡି.ଏନ.ଏ)**

ଛତ୍ରପୁର ସହରର ବିଭିନ୍ନ ସମସ୍ୟା ଆଲୋଚନା କରିବା ଏବଂ ଏହାର ସମାଧାନ ପାଇଁ ଆଗାମୀ ଦିନରେ କି ପଦକ୍ଷେପ ନିଆଯିବ ସେ ନେଇ ଆଲୋଚନା ନିମନ୍ତେ ଶୁକ୍ରବାର ସନ୍ଧ୍ୟାରେ ଛତ୍ରପୁର ଓକିଲ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଓକିଲ ସଂଘର ସଭାପତି କେ. ଶିବରାମ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଓକିଲ ସଂଘ ସମେତ ବ୍ୟବସାୟୀ ସଂଘ, ବସ ମାଲିକ ସଂଘ, ନାଗରିକ କମିଟି ଓ ପ୍ରେସ୍ କ୍ଲବର ପ୍ରତିନିଧିମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଓକିଲ ସଂଘ ସଭାପତି ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ବିଳମ୍ବ ହେଉଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଉକ୍ତ ବିଦ୍ୟାଳୟ ପାଇଁ ଆବଶ୍ୟକ ହେଉଥିବା ଜମି ଓ ଅସ୍ଥାୟୀ କ୍ୟାମ୍ପସ ପାଇଁ ଅନସ୍ଲୋ କୋଠା ତୁରନ୍ତ ହସ୍ତାନ୍ତର କରିବା ଆବଶ୍ୟକ ବୋଲି ଓକିଲ ପ୍ରଦୀପ ପାଢୀ କହିଥିଲେ । ଛତ୍ରପୁରର ବିକାଶ ସମ୍ପର୍କରେ ମାସକରେ ଗୋଟିଏ ଦିନ ସବୁ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ସଂଘର ପ୍ରତିନିଧିଙ୍କୁ ନେଇ ଜିଲାପାଳ ବୈଠକ କରିବା ଆବଶ୍ୟକ ଥିବା ଓକିଲ ବି. ଶ୍ରୀନିବାସ ପ୍ରସ୍ତାବ ଦେଇଥିଲେ । କେନ୍ଦ୍ରୀୟ ବିଦ୍ୟାଳୟ ଓ ଉକ୍ତ ବୈଠକ କରିବା ସମ୍ପର୍କରେ ଶନିବାର ଜିଲାପାଳଙ୍କୁ ଭେଟି ଏକ ପ୍ରତିନିଧି ଦଳ ଆଲୋଚନା କରି ଦାବି ଜଣାଇବ ବୋଲି ସଂଘ ସଭାପତି ରେଡ୍ଡୀ ସୂଚନା ଦେଇଥିଲେ । ଏଥିସହ ଅନ୍ୟ ସମସ୍ୟା ସମ୍ପର୍କରେ ମଧ ନିୟମିତ ଜିଲାପାଳ ଓ ଏସପିଙ୍କୁ ଭେଟି ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି । ସମସ୍ୟା ସମାଧାନ ନ ହେଲେ ସବୁ ସଂଘର ମିଳିତ ବୈଠକ ବସି ଆଗାମୀ ପଦକ୍ଷେପ ନିଆଯିବ। ଛତ୍ରପୁର ବାଇପାସ୍ ଜାତୀୟ ରାଜପଥରେ ଫ୍ଲାଇଓଭର ଆବଶ୍ୟକ ଥିବା ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା ପ୍ରସଙ୍ଗ ଉଠାଇଥିଲେ। ଛତ୍ରପୁର ସହର ପ୍ରତି ସବୁ ବେଳେ ଅବହେଳା କରାଯାଉଛି ଏବଂ ଏକ କମିଟି ଗଠନ କରି ପ୍ରଶାସନ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ପୂର୍ବତନ ଓକିଲ ସଂଘ ସଭାପତି ଗୋକୁଳ ଚନ୍ଦ୍ର ପଣ୍ଡା ପ୍ରସ୍ତାବ ଦେଇଥିଲେ । ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟିର ମାନ୍ୟତା ଦେବା ଏବଂ ଟ୍ରେଡ୍ ଓ ହୋଲ୍ଡିଂ ଟିକସର ସଂଶୋଧନ କରିବା ସମ୍ପର୍କରେ ମହାଶକ୍ତି ବଣିକ ସଂଘର ସଭାପତି କିଶୋର ଚନ୍ଦ୍ର ସେନାପତି ଦାବି କରିଥିଲେ । ଛତ୍ରପୁର ହସ୍ପିଟାଲକୁ ହେଡକ୍ୱାର୍ଟର ହସ୍ପିଟାଲର ମାନ୍ୟତା ଦେବା ଆବଶ୍ୟକ ଥିବା ବଡବଜାର ବ୍ୟବସାୟୀ ସଂଘ ସଭାପତି ପ୍ରଫୁଲ୍ଲ ସେନାପତି କହିଥିଲେ । ହାଟ ସ୍ଥାନାନ୍ତର, ମାଛ ଓ ପନିପରିବା ଦର ଉପରେ ନିୟନ୍ତ୍ରଣ, ଓପନ୍ ଜିମ୍ ପାଇଁ ଅପରବସଷ୍ଟାଣ୍ଡ ବ୍ୟବସାୟୀ ସଂଘର ସଭାପତି ବି. ରାଜୁ ବାବୁ ଦାବି କରିଥିଲେ। ବୈଠକରେ ଓକିଲ ସଂଘର ସମ୍ପାଦକ ଏସ୍ ଶ୍ୟାମ ସୁନ୍ଦର ରାଓ, ଉପସଭାପତି ସନ୍ତୋଷ ପଶୁପାଳକ, ନାଗରିକ କମିଟିର ସମ୍ପାଦକ ସୁଧୀର ସାହୁ, ଓକିଲ ରାମକୃଷ୍ଣ ଦାଶ, ପ୍ରଫୁଲ୍ଲ ପଟ୍ଟନାୟକ, ରିକାପଲ୍ଲୀ ବ୍ୟବସାୟୀ ସଂଘ ସଭାପତି ଲକ୍ଷ୍ମୀ ନାରାୟଣ ପଣ୍ଡା, ରାଜେନ୍ଦ୍ର ସେନାପତି, ରବୀନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମାସର ଶେଷ ସୋମବାର ଏହି କମିଟିର ବୈଠକ ଅନୁଷ୍ଠିତ ହେବ।


ବୈଠକରେ ଆଲେଚାନା ଚାଲିଛି ।

# ଡକାୟତି ଉଦ୍ୟମ ପଣ୍ଡ, ୬ ଗିରଫ


ଗିରଫ ଡ଼କାୟତ ଦଳ ।

**ଖଲ୍ଲିକୋଟ,୫।୭(ଡି.ଏନ୍.ଏ.)**

ଖଲ୍ଲିକୋଟ ବଡ଼ଘାଟି ନିକଟରେ ଲାଇନ ଟ୍ରକଗୁଡ଼ିକରୁ ଗୁରୁବାର ବିଳମ୍ବିତ ରାତିରେ ଡକାୟତି ଉଦ୍ୟମ କରୁଥିବା ୬ଜଣ ଯୁବକଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ସେମାନେ ହେଲେ ଖଲ୍ଲିକୋଟ ଥାନା କୈରାଶିପାଟଣା ସାହିର ଆକାଶ ପ୍ରଧାନ (୧୯), କୈରାଶି ଛକ ସହିର ଜଗନ୍ନାଥ ପାତ୍ର (୨୪), ସଞ୍ଜୟ ପ୍ରଧାନ (୨୨), ମହେଶ୍ୱରପୁର ଗ୍ରାମର ରଞ୍ଜନ ପ୍ରଧାନ (୨୪), ଭିକାପଡ଼ା ଗାଁର ସୁରଜ ଦଳେଇ (୧୯) ଓ କୈରାଶି ଲାଞ୍ଜିପଲ୍ଲି ସାହିର ଆଲୋକ ସାସମଲ। ଏମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଛୁରି, ଷ୍ଟିଲରଡ, ଦୁଇଟି ବୋମା, ୪ଟି ମୋବାଇଲ ଓ ୭୦୦ ଟଙ୍କା ଜବତ ହୋଇଛି। ନଂ. ୧୬୩/୧୯ରେ ମାମଲା ରୁଜୁ କରି ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ବ୍ୟବସାୟୀଙ୍କୁ ମାଡ଼ ମାରି ଟଙ୍କା ଲୁଟ୍


ଘଟଣାସ୍ଥଳରେ ପୋଲିସର ତଦନ୍ତ।

**ଗୋପାଳପୁର,୫।୭**

ଗୋଲନ୍ଥରା ଥାନାଠାରୁ ମାତ୍ର ୩୦୦ ମିଟର ଦୂର ୧୬ନଂ. ଜାତୀୟ ରାଜପଥରେ ଶୁକ୍ରବାର ମଧ୍ୟାହ୍ନରେ ଦୁର୍ବୃତ୍ତମାନେ ଜଣେ ବ୍ୟବସାୟୀଙ୍କୁ ମାଡ଼ ମାରି ଟଙ୍କା ଓ କିଛି ସାମଗ୍ରୀ ଲୁଟି ନେଇଛନ୍ତି। ଦୁଇ ବର୍ଷ ହେଲା ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା କୋବାଡ଼ ଗ୍ରାମର ବି. ଲକ୍ଷ୍ମଣ ରାଓ ଗୋଲନ୍ଥରା ଥାନା ଇଶାର୍ ପେଟ୍ରୋଲ ପମ୍ପ ନିକଟରେ ଏକ ଫୁଟପାଥ୍ ଦୋକାନ କରି ଟୋପି ଓ ହେଲମେଟ ବିକ୍ରି କରୁଥିଲେ। ସାଢ଼େ ୧୨ଟାରେ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଦୋକାନକୁ ଆସି ତିନୋଟି ହେଲମେଟ ମାଗି ପିନ୍ଧିଥିଲେ। ଲକ୍ଷ୍ମଣ ଟଙ୍କା ମାଗିବାରୁ ଦୁର୍ବୃତ୍ତମାନେ ରାଗିଯାଇ ତାଙ୍କୁ ଦୋକାନରୁ ୧୦୦ ମିଟର ଦୂରକୁ ଟାଣି ନେଇ ଧାରୁଆ ଅସ୍ତ୍ର ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ପରେ ତାଙ୍କଠାରୁ ୧୦ ହଜାର ଟଙ୍କା, ଆଧାର କାର୍ଡ ଓ ମୂଲ୍ୟବାନ କାଗଜପତ୍ର ଲୁଟି ନେଇଥିଲେ। ସ୍ଥାନୀୟ ଲୋକ ଅଟକାଇବାକୁ ଚେଷ୍ଟା କରିବାରୁ ସେମାନଙ୍କୁ ଭୟଭୀତ କରାଇ ବ୍ରହ୍ମପୁର ଅଭିମୁଖେ ଚାଲିଯାଇଥିଲେ। ଗୋଲନ୍ଥରା ଥାନାଧିକାରୀ ବାବୁଲି ନାୟକ ସଦଳବଳ ପହଞ୍ଚି ଲକ୍ଷ୍ମଣଙ୍କୁ ଉଦ୍ଧାର କରି ଗିରିସୋଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ତଦନ୍ତରୁ ଦୁର୍ବୃତ୍ତଙ୍କ ଗାଡ଼ିର ନମ୍ବର ଚିହ୍ନଟ ହୋଇଛି। ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

## ଚୁଆରେ ବୁଡି ଛାତ୍ର ମୃତ

**ଫୁଲବାଣୀ ଅଫିସ, ୫।୭**

ଫୁଲବାଣୀ ସଦର ଥାନା ରୁଜାଙ୍ଗି ନିକଟ ବନ୍ଧସାହିରେ ଥିବା ଏକ ବଡ ଚୁଆରେ ବୁଡି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚକାପାଦ ବ୍ଲକ ବ୍ରାହ୍ମଣୀଗାଁ ପଞ୍ଚାୟତର ଟଟାଗୁଡା ଗାଁର ରାହୁଲ ବେହେରା (୧୯)। ରାହୁଲ ପ୍ଲସ୍ ୩ ରେ ନାମ ଲେଖାଇବା ପାଇଁ ଶୁକ୍ରବାର ସମ୍ପର୍କୀୟଙ୍କ ସହ ଫୁଲବାଣୀ ବନ୍ଧସାହି ଆସିଥିଲେ। ସେଠାରୁ ୩ଜଣ ସାଙ୍ଗଙ୍କ ସହ ମିଶି ନିକଟରେ ଥିବା ଏକ ଚୁଆକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ରାହୁଲଙ୍କ ଗୋଡ ଖସିଯିବାରୁ ସେ ବୁଡ଼ିଯାଇଥିଲେ। ଫୁଲବାଣୀ ଅଗ୍ନିଶମ ବିଭାଗ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ରାହୁଲଙ୍କୁ ମୃତ ଘୋଷଣା କରିଥିଲେ। ଫୁଲବାଣୀ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ.୩୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ■ପୂର୍ବତନ ସରପଞ୍ଚ ଶ୍ରୀନିବାସ ହତ୍ୟା ଘଟଣା

# କୋର୍ଟରେ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

**ଦିଗପହଣ୍ଡି,୫।୭(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀନିବାସ ରଥ ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଶୁକ୍ରବାର ଦିଗପହଣ୍ଡି କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ବ୍ରହ୍ମପୁର ସଦର ଥାନା ଦକ୍ଷିଣପୁର ଗ୍ରାମର ବୁଲୁ ଓରଫ ରାମକୃଷ୍ଣ ନାହାକ। ହାଇକୋର୍ଟଙ୍କ ଆଦେଶରେ ସ୍ଥାନୀୟ ଜେଏମ୍ଏଫ୍‌ସି କୋର୍ଟର ମାଜିଷ୍ଟ୍ରେଟ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ ରାମକୃଷ୍ଣଙ୍କୁ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି।

୨୦୧୨ ମାର୍ଚ୍ଚ ୯ ସାଢ଼େ ୧ରେ ହୋଲି ଖେଳ ଚାଲିଥିବା ବେଳେ ଶ୍ରୀନିବାସଙ୍କୁ ଦିଗପହଣ୍ଡି-ପୋଡ଼ାମାରି ମୁଖ୍ୟରାସ୍ତା କପାମଣ୍ଡି ନିକଟ ବିଲ ମଧ୍ୟରେ ହତ୍ୟା କରାଯାଇଥିଲା। ଏତଲା କ୍ରମେ ଦିଗପହଣ୍ଡି ଥାନାରେ ନଂ. ୪୭/୧୨ ମାମଲା ରୁଜୁ କରାଯାଇଥିଲା। ପରେ ୨୦୧୨ ନଭେମ୍ବର ୨୭ରେ କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଭାର ହାତକୁ ନେଇଥିଲେ। ସିଆଇଡି ସିବି କେସ ନଂ. ୬୬/୧୨ ଅନୁଯାୟୀ ଅଭିଯୁକ୍ତମାନଙ୍କ ବିରୋଧରେ ମକଦ୍ଦମା ରୁଜୁ ହୋଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ସମେତ ସମସ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜଶିଟ ପ୍ରଦାନ କରାଯାଇଥିଲା। ଶୁକ୍ରବାର ରାମକୃଷ୍ଣଙ୍କ ପକ୍ଷରୁ ଆଇନଜୀବୀ ସୂର୍ଯ୍ୟନାରାୟଣ ସାହୁ, ସରୋଜ କୁମାର ଗୌଡ଼ ଜାମିନ ପାଇଁ ଆବେଦନ ପତ୍ର ଦାଖଲ କରିଥିଲେ। ଦିଗପହଣ୍ଡି କୋର୍ଟ ମାମଲା ଜିଆର ନଂ. ୧୦୫/୧୨ (ଏ) ଅନୁଯାୟୀ ମକଦ୍ଦମା ରେକର୍ଡ କୋର୍ଟ ପକ୍ଷରୁ କମିଟମେଣ୍ଟ କରାଯାଇଛି।

## ୨ ମୃତକଙ୍କ ପରିବାରକୁ ୮ ଲକ୍ଷ ଟଙ୍କା ସହାୟତା

**ବୁଗୁଡ଼ା,୫।୭(ଡି.ଏନ.ଏ.)**

ପୋଖରୀରେ ବୁଡ଼ି ଓ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ୨ ପରିବାରକୁ ୮ ଲକ୍ଷ ଟଙ୍କା ସହାୟତା ରାଶି ଶୁକ୍ରବାର ବିଧାୟକ ଶ୍ରୀକାନ୍ତ ସାହୁ ପ୍ରଦାନ କରିଛନ୍ତି। ବୁଗୁଡ଼ା ବ୍ଲକ ବିରଞ୍ଚିପୁର ଗ୍ରାମର ଏକ ପୋଖରୀରେ ଗତବର୍ଷ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ତ୍ରୀ ଯଶୋଦାଙ୍କୁ ତହସିଲ କାର୍ଯ୍ୟାଳୟରେ ୪ ଲକ୍ଷ ଏବଂ ଡେଙ୍ଗାପଦର ଗାଁରେ ସାପ କାମୁଡ଼ାରେ ତୁଳାଦେଇ ବେହେରାଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କ ସ୍ୱାମୀ ଜୟରାମଙ୍କୁ ମଧ ୪ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏଥିରେ ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ■ ତହସିଲଦାରଙ୍କ ମେଡିକାଲ, ବିଇଓ ଅଫିସ ଗସ୍ତ

# ଅବ୍ୟବସ୍ଥା, କର୍ମଚାରୀ ଅନୁପସ୍ଥିତି ନେଇ କ୍ଷୁବ୍ଧ

**ଶେରଗଡ଼,୫।୭(ଡି.ଏନ.ଏ.)**



■ଜିଲାପାଳଙ୍କୁ ରିପୋର୍ଟ ଦେବେ
■ନିରାମୟ ଯୋଜନାରେ ଅଧା ଔଷଧ ନାହିଁ

ଶେରଗଡ଼ ମେଡିକାଲ ଓ ଶିକ୍ଷା ବିଭାଗରେ ବହୁ ଅବ୍ୟବସ୍ଥା ଲାଗି ରହିଥିବା ଗଞ୍ଜାମ ଜିଲାପାଳଙ୍କ ନିକଟରେ ଖବର ପହଞ୍ଚିଥିଲା। ଏନେଇ ତୁରନ୍ତ ତଦନ୍ତ କରିବାକୁ ଜିଲାପାଳ ତହସିଲଦାର ଡ. ଦୟାସିନ୍ଧୁ ପରିଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ତହସିଲଦାର ପରିଡା ସଦଳବଳ ପ୍ରଥମେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ସ୍ତ୍ରୀ ପ୍ରସୂତୀ ବିଭାଗ, ୱାର୍ଡଗୁଡିକ ବୁଲିବା ପରେ ଡାକ୍ତର ଓ କର୍ମଚାରୀଙ୍କ ଉପସ୍ଥାନ ପଚାରି ବୁଝିଥିଲେ। ଡାକ୍ତରମାନେ ଠିକ ସମୟରେ ଆସୁନଥିବା, ଭାରପ୍ରାପ୍ତ ଅଧିକାରୀ ସପ୍ତାହକୁ ତିନି ଦିନ ଆସିବା, ଡାକ୍ତରମାନେ ଦାୟିତ୍ୱରେ ଥାଇ ଡାକ୍ତରଖାନାକୁ ନ ଆସି ବାହାରେ ଚିକିତ୍ସା କରୁଛନ୍ତି ବୋଲି ରୋଗୀମାନେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରସୂତୀ ବିଭାଗରେ ଡାକ୍ତର ପାଳିକରି ଆସୁଥିବାବେଳେ ଷ୍ଟାଫନର୍ସ ଓ ଆଟେଣ୍ଡାଣ୍ଟ ଚିକିତ୍ସା କରୁଥିବା ରୋଗୀ ଅଭିଯୋଗ କରିଥିଲେ। ନିରାମୟ ଯୋଜନାରେ ୩୫୦ ଔଷଧ ତାଲିକାରେ ଲେଖାଥିବାବେଳେ ମାତ୍ର ୧୫୦ ପ୍ରକାର ଔଷଧ ମହଜୁଦ ଥିବା ଦେଖିଥିଲେ। ଏହାପରେ ତହସିଲଦାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ କେତେଜଣ କର୍ମଚାରୀ ଆସିନଥିବାରୁ ତହସିଲଦାର ବିରକ୍ତି ପ୍ରକାଶ କରିଥିଲେ। ଏନେଇ ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ ବୋଲି ତହସିଲଦାର ପରିଡା କହିଛନ୍ତି।

## ଦାରିଙ୍ଗବାଡ଼ି ଅଞ୍ଚଳରେ ବର୍ଷା

# ମହାଗୁଡ଼ି, ତାଜୁଙ୍ଗିଆ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ

### ସାଧାରଣ ବଣ୍ଟନ ସାମଗ୍ରୀ, ରୋଗୀସେବା ପ୍ରଭାବିତ

**ଦାରିଙ୍ଗବାଡ଼ି,୫।୭(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଦୁହାକୁ ଦୁହା ଝିପିଝିପି ବର୍ଷା ଲାଗି ରହିଛି। ଫଳରେ ପକ୍କାରାସ୍ତା ନ ଥିବା ବିଭିନ୍ନ ଗ୍ରାମବାସୀଙ୍କ ସମସ୍ୟା ବଢିଯାଇଛି। ତାଜୁଙ୍ଗିଆ ପଞ୍ଚାୟତକୁ ଥିବା କଚ୍ଚାରାସ୍ତା କର୍ଦ୍ଦମାକ୍ତ ହୋଇଯାଇଛି। ଫଳରେ ଗାଡ଼ିମଟର ଯିବା ତ ଦୂରର କଥା ପାଦରେ ଚାଲି ଯିବା ମଧ ମୁସ୍କିଲ ହୋଇପଡୁଥିବା କହିଛନ୍ତି ଗ୍ରାମର ଏଲିୟ ନାୟକ। ରାସ୍ତାରେ କାଦୁଅ ଯୋଗୁ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା ମୁସ୍କିଲ ହୋଇପଡ଼ିଛି। ଖଟିଆରେ ବୋହିନେବା ଛଡ଼ା ଆଉ କିଛି ଉପାୟ ନାହିଁ। ଗ୍ରାମକୁ ସବୁଦିନିଆ ଭଲ ରାସ୍ତା ନ ଥିବାରୁ ଆଜି ପର୍ଯ୍ୟନ୍ତ କୌଣସି ଯାତ୍ରିବାହୀ ବସ ଚଳାଚଳ କରୁନାହିଁ। କେବଳ ଅଟୋ ଯାତାୟତ କରୁଥିବା ବେଳେ ଏବେ କାଦୁଅ ଯୋଗୁ ତାହା ମଧ ଯାଇପାରୁନାହିଁ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ସମ୍ପ୍ରସାରଣ କରାଯାଉଥିବା ବେଳେ ଏବେ ଏକାଧିକ ସ୍ଥାନରେ କଲଭର୍ଟ ନିର୍ମାଣ ଚାଲିଛି। ତାହା ମଧ ଅତି ନିମ୍ନ ମାନର କାର୍ଯ୍ୟ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମହାଗୁଡ଼ି ଠାରୁ ତାଜୁଙ୍ଗିଆ ରାସ୍ତା ମାତ୍ର ୩ କି.ମି ପାଇଁ ୮୦ ଲକ୍ଷ ଟଙ୍କା ଅନୁଦାନ ରହିଛି। ଘାଟି କଟାଯିବା ଏବଂ ପକ୍କାରାସ୍ତା ନିର୍ମାଣ ପାଇଁ ଆହୁରି ଅଧିକା ଅର୍ଥର ଆବଶ୍ୟକତା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। କଲଭର୍ଟ ନିର୍ମାଣ ଯୋଗୁ ନୂଆ ମାଟି ଖୋଳା ଯାଇଥିବାରୁ ବର୍ଷାପରେ କାଦୁଅ ହୋଇଛି। ସେଠାରେ ଅଧିକ ଗୋଡି ଥିବା ମୋରମ ପକାଇବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଦାରିଙ୍ଗବାଡ଼ି ସେକ୍ସନ ସହକାରୀ ନିର୍ବାହୀ ଯନ୍ତ୍ରୀ ମନ୍ମଥ ସୁବୁଦ୍ଧି କହିଛନ୍ତି। କଲଭର୍ଟ ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ସେ ତଦନ୍ତ କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, ତାଜୁଙ୍ଗିଆ ପଞ୍ଚାୟତକୁ ସବୁଦିନିଆ ରାସ୍ତା ନିର୍ମାଣ ଦାବିରେ ୨୦୧୮ ନଭେମ୍ବର ୮ରୁ ତାଜୁଙ୍ଗିଆବାସୀ ଅନେକଥର ଆନ୍ଦୋଳନ କରିବା ସହ ଦାରିଙ୍ଗବାଡ଼ି ଠାରୁ ବ୍ରାହ୍ମଣୀଗାଁ ରାସ୍ତା ଅବରୋଧ କରିଥିଲେ। ପରେ ଜିଲା ପ୍ରଶାସନ ସହ ଗ୍ରାମବାସୀଙ୍କ ଆଲୋଚନା ହୋଇ ରାସ୍ତା ସମ୍ପ୍ରସାରଣ ପ୍ରତିଶ୍ରୁତି ମିଳିଥିଲା। ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା ସମ୍ପ୍ରସାରଣ କରୁଛି।



କର୍ଦ୍ଦମାକ୍ତ ମହାଗୁଡ଼ା ଠାରୁ ତାଜୁଙ୍ଗିଆ ରାସ୍ତା।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ